କବି ଶ୍ରୀ ବୈଷ୍ଣବପାଣିଙ୍କ ବିରଚିତ

ନରମେଧ ଯଜ୍ଞ ସୁଆଙ୍ଗ ।

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ

ଦ୍ୱାରା

ପଞ୍ଚମବାର ପ୍ରକାଶିତ ।

Printed by H. M. Dutta
at the Dutta Press
Cuttack.
1929.

ମୂଲ୍ୟ ଟ ।୦ ⁄   ଦୁଇଅଣା ମାତ୍ର ।

Digitized by srujan ka@gmail.com

ନରମେଧଯଜ୍ଞ ସୁଆଙ୍ଗ ।

ପ୍ରସ୍ତାବନା ।—

ଲକ୍ଷ୍ମୀନାରାୟଣଙ୍କର ପ୍ରବେଶ ।

ନାରାୟଣଙ୍କ ପ୍ରତି ଲକ୍ଷ୍ମୀଙ୍କ ଗୀତ ।

(ଏ ବୟସ ତେଜି—ବୃତ୍ତେ ।)

କହ ନାରାୟଣ ମୋତେ ଭକ୍ତଗଣ ଗୁଣ । ଶୁଣେ ପୁଣେ ଶ୍ରୁତିଯୁଗ ହୋଇବ କାରଣ । ପଦ । କେଉଁ ଭକ୍ତ କେଉଁ ସ୍ତବେ, ତବ ନିସ୍ତ-ରିଲେ ପୂର୍ବେ । ତେଜିଲେ କେମନ୍ତେ ମନୁ ରଜ ତମ ଗୁଣ । ୧ । ଭୁଞ୍ଜିଲେ ଅଭୟ ସୁଧା, ପବନ କଲେ ବସୁଧା । ବାଧା ନ ଦିଅ ହେ ନାଥ ତୁମ୍ଭଙ୍କୁ ମୋ ସ୍ୱଣ । ୨ । ତୁମ୍ଭେ ଭକ୍ତଙ୍କେ ଶ୍ରେଷ୍ଠ, ଅଛୁ ଦେବା ଅଛି ଇଚ୍ଛା । ସେ ନିମନ୍ତେ କେତେ କେତେ ପାଇବ ଦର୍ଶଣ । ୩ । ସବୁବେଳେ ଦର୍ଶି ତେଜ, ବଢ଼ିଥା ତ ଦେଲୁ ବର । ଗୁହାର କରୁଛି ପଦେ ବୈଷ୍ଣବଚରଣ । ୪ ।

କୃଷ୍ଣଙ୍କର ଉତ୍ତର ।

(ସୁଣାବାଣୀ ଥଉ—ବୃତ୍ତେ ।

ଇନ୍ଦୁମୁଖୀ ପିକୂବନ୍ଦନାରେ, ବନ୍ଧୁ ତେଜ ହୃଦ ବେଦନାରେ । ପଦ । ମୋ ଭକତ କୀର୍ତ୍ତି ଶୁଣିବା ପାଇଁ, ଯଉମୋହୁ ମତ ଅଛୁ ବଳାଇ । ଅତ ଦରଶରେ, ଭକତ ରସ ରେ, ବନ୍ଧଦେବୁ ଚୁନ୍ଦ-ବଦନା ରେ । ୧ । ପୂର୍ବେ କହୁଥିଲି ସଖୀରେ ତୋତେ, ଧ୍ରୁବ ପ୍ରହ୍ଲାଦ ବୃତ୍ତାନ୍ତ ଯେତେ । ଶ୍ରୀବତ୍ସ ବ୍ରାହ୍ମଣ ଅଜାମିଳ ଆଦ ଯେ ଯେମନ୍ତେ କଲେ ବନ୍ଦନାରେ । ୨ । ଅଢ଼ ଶୁଣ ଅରେ ସୁକୀବ-ନେଣୀ, କନ୍ଦୁଷ ନୃପତି ସୁତ ଯଜାତ । ଜାଗରେ ଷଷ୍ଠୀୟ ଖ୍ୟାତ

Digitized by srujan ka@gmail.com

ଭାନୁବଂଶେ ନରମେଧ କଲ୍ପ ରଚନା କେ । ୩ । କୁଣଧ୍ୱଜ ଦ୍ୱିଜ ଅଭୁତ ରସ; ତା ସାହସ ମୁଁ କରିବ ପ୍ରକାଶ । ଭାବେ ବଇଷ୍ଣବ ନରେ କଷ୍ଟ, କେବେ ପାପପୂର୍ବେ ମନ ବାନ୍ଧନାରେ । ୪ ।

(ପ୍ରସ୍ତାବ)

(ଯଜ୍ଞାନ୍ଧ ରାଜା ଓ ମନ୍ତ୍ରୀର ପ୍ରବେଶ ।)

ରାଜା—ମନ୍ତ୍ରୀଗଣେ, ନିସ୍ତନାହିଁ ମନ କିପାଁ ପୂର୍ବପର ମୋର, ଅଜ ଏ ସମାନେ ? ନାହିଁ ଶାନ୍ତି ରମଣୀରେ, ବନେ, ନାହିଁ ଶାନ୍ତି ମିଷ୍ଟାନ୍ନ ଭୋଜନେ, ନାହିଁ ଶାନ୍ତି ଶିବକାରୋହଣେ । ଶାନ୍ତି ଯହିଁ ନାହିଁ ତହିଁ ନାହିଁ ସୁଖଲେଶ, ଶାନ୍ତି ଅଛୁ ଦରିଦ୍ର କୁଟୀରେ, ଶାନ୍ତି ଅଛୁ ବିଜନ ବିପିନେ, ଶାନ୍ତି ଅଛୁ ସ୍ତ୍ରୀଷଣ ଶ୍ମଶାନେ, ପ୍ରେତ ପିଶାଚେ ଯେ ସ୍ଥାନେ କ୍ରୀଡ଼ନ୍ତି ସର୍ବଦା ତହିଁ ପ୍ରାଣୀ ଯେବେ କଲେ ବାସ, ଜାଣିବ ସଂସାରେ ସୁଖ ଅଛୁ ଯାହା । ଶୁଣ ପୁଣ ଏକ ଅଦ୍ଭୁତ ଘଟନା, ଗତ ରଜନୀରେ ଦେଖି ଆଶ୍ଚର୍ଯ୍ୟ ସ୍ୱପନ, ଏବେ ଦଗ୍ଧ ହୁଏ ମନ, କହ ମନ୍ତ୍ରୀ, କି ଉପାୟ କରିବି ମୁଁ ଏବେ ?

(ଘାଇ ସ୍ୱାମ କରିବା କି ବୁଦ୍ଧି—ବୃତ୍ତେ)

କହ ମନ୍ତ୍ରୀ କି ବୁଦ୍ଧି କରିବି । ଜନକ ଦୁଃଖେ ଜୀବନ ମୁହିଁ-କେସନେ ଧରିବି । ପଦ । ଗତ ରାତ୍ରିରେ ମୁଁ ଯେ, ସ୍ୱପନ ଦେଖିଲି ଶେଯେ । କପାଳ ପିଥର ଉଦ୍ଧରିବି । ୧ । ପିତା ସର୍ପ ତନୁ ବହୁ । ଜୀବନେ ଅଛନ୍ତି ରହୁ । ସେ ଯାତନା କେମନ୍ତେ ଦହିବି । ୨ । ପୁଣି ସେ ବୋଇଲେ ପୁତ, ମୁଁ ପରା ତୋହର ତାତ (ଅଟ) କେବେ କାଳ ବନେ ବହିବି । ୩ । ନିଦ୍ରାଭଙ୍ଗ ହେଲା ଶେଷେ । ଦେଖିଲି କେ ନାହିଁ ପାଶେ । ବଡ ଭାବେ ସଂସାରୁ ତରିବି । ୪ ।

Digitized by srujan ka@gmail.com

ମନ୍ତ୍ରୀ—ମହାରାଜ ! ସ୍ୱପ୍ନ ଅଟେ କପୋଳକଳ୍ପିତ । ବୃଥା ଶଙ୍କା ତେଜନ୍ତୁ
ଚିତ୍ତରୁ । ଅଳୀକ ସ୍ୱପନ କଥା ଭାବନା ରାଜନ ।

ରାଜା—କହ ମନ୍ତ୍ରୀ କେଣେ ଗଲା ଦ୍ୱାସ୍ଥ, ଦ୍ୱାର ରକ୍ଷା ହୋଇଅଛି ଶୂନ୍ୟ,
କେଉଁ କାର୍ଯ୍ୟେ ହୋଇଛି ନିଯୁକ୍ତ ? ଦ୍ୱାରେ ରକ୍ଷା ନ
କର ହେଳମ୍ ।

ମନ୍ତ୍ରୀ—ଯେ ଆଜ୍ଞା, ମହାରାଜ !

(ଦ୍ୱାସ୍ଥର ପ୍ରବେଶ)

(ଅଷ୍ଟ କଏ ଯିବରେ କଳ୍ପଲତାକୁ—ବୃତ୍ତେ ।)

ବଳନାହିଁ ଅଛି କଳହାଳ କୁଥଲ୍କୁ । ପଞ୍ଚ ବାସିଧୋତି ଘଟି ହେଉ-ଛନ୍ତି ନାଲ ଚନ୍ଦନ ଚୂଆରୁ । ପଦ । ଗଲା ବୁଢ଼ା ବୁଢ଼ାଙ୍କ କାଳ, ଠୋକା ଏବେ ହୋଇଲେ ମେଳ । ଆସିଯାନ୍ତେ ସନ୍ଧ ଲଗାବନ୍ତି ଗାଞ୍ଜ ବୁଲିଣ ଯାଇ ଗାଆଁକୁ । ୧ । ଘେନ ବନ୍ଧୁ ଶିଳଟ ହାତେ, ଝସ୍ତ୍ରଲେ ଯାଆନ୍ତି କେତେ, କାଠ ଚୂଟି ବେଣ୍ଟି ଲୁଣ୍ଠାଇ ଗ୍ଳଲନ୍ତି, ଦଣ୍ଡାନ୍ତି ବାପ ମାଆଙ୍କୁ । ୨ । ବାପା ଏହା କହନ୍ତି ମୁହିଁ, ଖପା କେବେଁ ହୋଇବ ନାହିଁ, କପାଳର ଲେଖା ହଣ୍ଡିଥିବ ଯେବେ, ଖାଇବ ପାଠ ମୁଆଁକୁ । ୩ । କହେ ବଇଷ୍ଣବ ଚରଣ, କେଉଁଣେ ଗଲା ବାହ୍ମଣପଣ । ନ ମାନିଲେ ହଥିଁ ଦେବା ତାଙ୍କୁ ଭଲେ, ଏହା କହିବା କାହାକୁ । ୪ ।

(ଦୂତ ଦ୍ୱାର ଜଗନ୍ତେ ନାରଦଙ୍କ ପ୍ରବେଶ) ·

(କହ କହ ଦୂତ ମୋତେ ରାଜ୍ୟ ବାରତା—ବୃତ୍ତେ ।)

ମଜାଲକର ବସିଥିବୁ ଯଜାଣ୍ଡ ରାଜା । ରାଜ ସିଂହାସନେ ବସି ଉଡ଼ାଉ ଧ୍ୱଜା । ପଦ । ଧିକ ତୋ ଭୁଜ ବୀର୍ଯ୍ୟ, ଧିକ ତୋ ରାଜତେଜ । ଧିକ ଧିକ ଏ ତୋହର ଦେବତା ପୂଜା । ୧ । ଅଛଳଙ୍କ ଅହଙ୍କ୍ୟ, ବଂଶରେ ହୋଇ ଜାତ । ଏ ଫସାରେ ବଜାଇଲୁ ତୁ ନନ୍ଦା ବାଜା । ୨ । ତୋ-

Digitized by srujan ka@gmail.com

ସର୍ବ ଥାଉଁ ପୁଅ, ନହୁଷ ଚେଙ୍ଗ ଦେହ, ଅଜଗର ଅଙ୍ଗ ବହି ପାଉଛି
ସଜା । ୩ । ଶାପୁଁ ହେବ ମୁକତ, କଷ୍ଟେ ରୋହର ଚାତ, ବଇ ବୋଲେ
ନରମେଧ ଯାଗ କର ଯା । ୪ ।

(ରାଜା ଓ ନାରଦଙ୍କ ଉକ୍ତି ପ୍ରତ୍ୟୁକ୍ତି ।)

ରାଜା—ହେ ବ୍ରହ୍ମନନ୍ଦନ ମୋତେ କହ ପ୍ରତିକାର ।
ନାରଦ—ଶୀଘ୍ର ଶୀଘ୍ର ରାଜା ନରମେଧ ଯାଗ କର ।
ରାଜା—ସେ ଯାଗରେ କେବଣ ପଦାର୍ଥ ଲୋଡ଼ା ହେବ ?
ନାରଦ—ଘୃତ ସ୍ରୁବ ସ୍ରୁଚ ଯେ ସମିଧ ତିଲ ଯବ ।
ରାଜା—ସମସ୍ତ ବିଷୟ ମୁନି କହୁଅଛ ମୋତେ ।
ନାରଦ—ଆସିବେ ବ୍ରାହ୍ମଣ ଋଷି ରାଜାକୁଳ ଯେତେ ।
ରାଜା—କେ ରୂପ କରିବେ ଯଜ୍ଞେ ଅସି ତପିସାଇଁ ।
ନାରଦ—ଯଜ୍ଞବଳିପାଇଁ ବିପ୍ରସୁତେ ଆଣ ଯାଇଁ ।
ରାଜା—ତାହା କେଉଁଠାରୁ ମୋତେ ହୋଇବ ପ୍ରାପତ ?
ନାରଦ—ଧନ ଦେଇ ଆଣ କିଣି ତାହାକୁ ତୁରିତ ।
ରାଜା— ଏ ଦୁଷ୍କର କର୍ମ କେଉଁ କରିବ ହେ ଯତି ?
ନାରଦ—ନିଜ କରେ ତାର ଶିର ଛେଦିବୁ ଯଜାତି ।
ରାଜା—ନ କରିବ ଏହା ସର୍ପ ହୋଇଥାଉ ପିତା ।
ନାରଦ—ଯାଉଅଛୁଁ ଏଠାରୁ ରହିଲା ଆମ୍ଭ କଥା ।
ଦୈବବାଣୀ—କର କର ନରମେଧ ଯଜାତି ନରେଶ,
ଅଜଗର ହୋଇ ପିତା ପାଉଛନ୍ତି ତୋ କ୍ଲେଶ ।
ବିପ୍ରସୁତ ବିନାଶନେ ଡର ନାହିଁ ଭୟେ ।
ଦେବହୁତେ ଗୋ ବ୍ରାହ୍ମଣ ବଧେ ପାପ ନୋହେ ।
ଦୁର୍ବାଶା ଶାପରୁ ଉଦ୍ଧାର ତୁ ନହୁଷକୁ ।
ସ୍ୱର୍ଗ ଚଳ୍ ତେଜ ସେହୁ ଅସିବ ସ୍ୱର୍ଗକୁ ।

Digitized by srujan ka@gmail.com

ନାରଦଙ୍କ ପ୍ରତି ଶୁନାଶ୍ଫର ଗୀତ ।

(ଜୀବନେ ମରଣେ ଶଯ୍ୟନେ—ବୃତ୍ତେ ।)

ହେ ବିଶ୍ୱଭ୍ରମର ଭବ ପ୍ରତିକାର, ସୁଦୟା ବହୁ ଦୀନଠାରେ । ମୋଠାରୁ ପାତକୀ ନାହିଁ କାହିଁ, ଦେଖିବ ପଡ଼ି ରୌରବ ନର୍କରେ । ପଦ । ଦ୍ୱିଜର ସନ୍ତତି; ଥିଲେ ଅନୁମତି; ତହିଁ ଦେଉଁ ଯଶ ଅବଜ୍ଞା ଯିବ । ରଟିବ ଅଖ୍ୟାତି, ଜନକଣ୍ଠେ ନିତି । ହେଉଛି ହୃଦେ ମୋର ଭ୍ରାନ୍ତିରେ । ୧ । ଯାଜକୁଳେ ଜାତ, କରଲେ ବିଧାତ । କଳଙ୍କ କରିବ ବଂଶର ସୁବ୍ରତ । ନରକେ ପତିତ ହୋଇବ ଜୟନ୍ତ ସ୍ଥାନ ନାହିଁ ଭବଲୋକରେ । ୨ । ଦେଉଁ ଦୋଷେ ଦୋଷୀ ହୋଇ ପିତାମୋର । ସର୍ପ ଥିବଯୁବ ବହୁ ନିର; ନ୍ତର । ଅଭୁବେ କାତରେ ଡାକେ ନିରନ୍ତରେ ବୋଲନ୍ତି ଭ୍ରମର ଭଣ ରେ । ୩ । ଗଲେ ଜୀବ ଯିବ ନ କରିବ ତାହା । ଶପଥ କରୁମୁଁ କହୁଅଛୁ ଏହା । ଯାହା ହେଉ ବିଶ୍ୱବନ୍ଦନ ଏଣିକ ବଇଷ୍ଣବ ଭ୍ରମେ ଗୀତରେ । ୪ ।

ନାରଦଙ୍କ ଗୀତ ।

(ଶୋଇଥାରେ ଏହୁ ସ୍ଥଇରେ—ବୃତ୍ତେ ।)

ନରେଶ ହେ ତେଜ ମନରୁ ତରାସ । ସତ୍‌କର୍ମେ ଏ କର୍ମ କଲେ ନାହିଁ ତହିଁ ଦୋଷ । ପଦ । ଦ୍ୱିଜପୁତ୍ର କଲେ ହତ, ତୋ ତାତ ହେବ ମୁକତ । ସ୍ତୁତି ନ ରଣ ଚତ୍ୱରେ ବାନ୍ଧରେ ସାହାସ । ୧ । ଗୋ ବ୍ରାହ୍ମଣ ଶିଶୁବଧ, କାର୍ଯ୍ୟରେ ନାହିଁ ନିଷେଧ । ତହିଁ ବାଧା ନ ହେଇ ଭୁଞ୍ଜାରବର ବଶ । ୨ । ଜଗତେ ଯଶ ରହିବ, ଘୋଷୁଥିବେ ସ୍ୱର୍ଗ-ଦେବ; ଯଶ ଧ୍ୱନି । ଉଡ଼ା ବଇଷ୍ଣବର ଏ ଭାଷ । ୩ ।

Digitized by srujan ka@gmail.com

ରାଜା ରାଣୀ ନିକଟରେ ପ୍ରବେଶ, ରାଣୀଙ୍କର ଗୀତ ।

(ମନ୍ଦଶାପୂରକୁ ଅଣା ମୁଁ କରଇଛୁ—ଦୃନ୍ଦେ ।)

ଜୀବଧନ ହେ, କେଉଁ ଭାବ ମନେ ଭାବ । ନିର୍ଦ୍ଦୟେ ପ୍ରକାଶ ମୋର ଭୟ ଦୂର ହେବ । ପଦ । ବସିଛ ହୋଇ ମଳିନ, ବର୍ଣ୍ଣି ହସଇ ହିବର୍ଣ୍ଣ । ଦୂର ହୋଇଛି ସୁବର୍ଣ୍ଣହାର ଗଳ୍ପ ତବ । ୧ । ଯେ ମୁଖ ନିରେଖି ପଦ୍ମବ୍ରତାପନ୍ନ ଯିବେ ମାଣ୍ଡି । ନ ଧରିବେ ଧୃତି ଖେତପରେ ଦେ ବର୍ତ୍ତିବ । ୨ । ସେ ନାମେ ଅବା କଳଙ୍କ, ଲଗାଇ ଦେ ବାଏ ଶଙ୍ଖ । ସେ ହେଲୁ ବହୁତ ଚନ୍ଦ୍ରେ ଘୋଷ । ୩ । ମନରୁ ତେଜ ସେମାନ । ଫେଡ ବଦ ହେ ବଦନ । ବିନୟେ ଜଣାଏ ପଦେ ଦୀନ ବଇଷ୍ଣବ । ୪ ।

ରାଜା—ଜୀବେଶ୍ୱରି ! କି କହିବ ତୋତେ କହିଲେ ବିଦୀର୍ଣ୍ଣ ହୁଏ ହୃଦ, ଭୂତବାଣୀ, ଦୈବବାଣୀ, ଚିତ୍ତ ଉପଦେଶ ଗତରଜନୀରୁ କ୍ରମେ ହରଇ ପାଗଳ । କେଉଁ ପରି କରିବ ମୁଁ ବିପ୍ରସୁତ ବଧ ? ତେବେ ଯାଇଁ ତାତ ଉଦ୍ଧରିବେ ସର୍ପଜନ୍ମୁ । ଏହିକଥା ଭାବି ବସିଛି ନ ଶୁଣେ କର୍ଣ୍ଣିକୁ ।

ରାଣୀ—ଜୀବେଶ୍ୱର ! କିପାଁ ଚିନ୍ତା କରୁଅଛ ଚନ୍ଦ୍ରେ । ବିଶ୍ୱରୂପ ନାସ୍ତିପୂର୍ଣ୍ଣ ସର୍ବଶକ୍ତିମାନ, ବ୍ୟାପିଛନ୍ତି ଆତ୍ମାରୂପେ ସକଳ ଘଟରେ, ଯେଉଁ ପଥ ଦେଖାନ୍ତି ଯାହାଙ୍କୁ, ସେହିପଥେ ଚଳୁଥାନ୍ତି ପ୍ରାଣୀ, ନିଜେ ଯେବେ ନିଜର ଅଧୀନ ହୋଇଥାନ୍ତା ଜୀବ, କିପାଁ ଜନ୍ମ ମୃତ୍ୟୁ ଘଟନ୍ତା ତାହାର ? ତେବେ ଅଟେ ଏହି ଦେହ ଈଶ୍ୱର ଅଧୀନ । ଦେହ ପରି ଆତ୍ମା, ଆତ୍ମା ଅଟେ ସାରଥି ତାହାର । ପ୍ରକୃତି ଅଣଙ୍କୁ ଯୋଗ ଜ୍ଞାନ ବେଦାଘାତେ ଚଳାନ୍ତି ଏ ସଂସାର ସଂଗ୍ରାମେ । ଅନିବାର୍ଯ୍ୟ ବିଧାତାର ଗତି । ତାହା କେହି ନ ପାରେ ନିବାରି, ଯାଉଅଛୁ ସାରିବ ମୁଁ କର୍ତ୍ତବ୍ୟକର୍ମମାନ । ଦୈବ୍ୟବାକ୍ୟ ଭୂତବାକ୍ୟ କର ଯା ପାଳନ । (ରାଣୀର ପ୍ରସ୍ଥାନ ।)

Digitized by srujan ka@gmail.com

ରାଜା—ହଦ ମନ୍ତ୍ରୀ, କେବା ଅଗ୍ନିଦେବ ବିପ୍ରସୂତେ ? ସେ କେଉଁ
ଚତୁରତା ପଣେ ଏହୁଠାବେ ? ଅଗ୍ନିଲେ ବିପ୍ରକୁମରେ, ପତା
ଶାପୁଁ ଉଦ୍ଧାର ହୋଇବେ ।

ମନ୍ତ୍ରୀ—ପଠାନ୍ତ ଭୂଦେବ ବସ୍ତ୍ରେ ଧନମାନ ଦେଇ । ଅଗ୍ନିଦେବ ସ୍ୱାନ
ବିପ୍ରସୂତ ଗୋଷ୍ଠ ।

ଭୂଦେବ ପ୍ରତି ରାଜାଙ୍କର ଗୀତ ।

(ଚଳ ଚଳରେ ସଜନି କୁଞ୍ଜକାନନେ—ବୃତ୍ତେ ।)

ଯାଅ ଯାଅ ହେ ଭୂଦେବ ଦ୍ୱିଜବର । ନିଅ ଯେତେ ଇଚ୍ଛା ଧନ ତୋର । ପଦ । ସ୍ୱର୍ଣ୍ଣମୁଦ୍ରା ନିଅ ଗଣି, ଦିଅ ଦ୍ୱିଜ କୁମରେ ଅଣି । ଋଷିବାଣୀ ଦେବବାଣୀ ଶୁଣନ୍ତି ବେଲରୁ ପାଣି, ହେଉଅଛୁ ଚକ୍ଷୁ ମୋତ୍ତର ।୧। ତହୁଁ ସକଳ ପେଣ୍ଡ,ଯଜ୍ଞବଳ ନମସ୍ତେ ନେତ୍ର । ଅସିଅଛୁ ନେବ ବାଛୁ ଅଷ୍ଟମବର୍ଷୀୟ ସୁତ ଶାନ୍ତ ସୁଧୀର । ୨ । ନାନାରତ୍ନ ବାନ୍ଧ ବାସେ, ଚଳ ଚଳ ନ ରହ ପାଶେ । ବଇଷ୍ଟବ ରସେ ଭାସେ ଶ୍ରେଷ୍ଠ ନ କରବ ତାହା ଗଳାର ହାର । ୩ ।

(ଭୂଦେବର ପ୍ରସ୍ଥାନ)

ଦାସ୍ତ ଓ ଦାସ୍ତଅଣୀର ପ୍ରବେଶ ଦାସ୍ତର ଗୀତ ।

(ପାହାନ୍ତିଅ ରବ ଦେଲେ କଳାକୁକ୍କୁଡ଼ା—ବୃତ୍ତେ ।)

ଛାକସ୍ ହୋଇଲା ରାଜାଙ୍କର ଅନ୍ନ ନାଗସ୍ ଦେବାକୁ । ଟାଙ୍ଗିଅ ମା ପିନ୍ପିନ୍ଲ ଯେନ କଟିଥା ଘରକୁ । ପଦ । ରଜାଙ୍କ ହୁକୁମ ଯେବେ, ଅଦଲ୍ କରବା ଏବେ । ସଦରେ ଛଦର କର ବାଟିବେ ଶିରକୁ । ୧ । ଟାଙ୍ଗିଅ ମାଥକୁ ମୋର, ଦଉଅଛୁ ଠେଙ୍ଗା ନର । ମଙ୍ଗାଇ ଦହୁନି ଯେତେ ଧଉଡା କରବୁ । ୨ । ଯାଉଛୁ ମୁଁ ପରବାସ, ନ କର ମୋତେ ନିରାଶ, ବାସେ ଦୃଢ଼ଉରୁ ନାହିଁ ଅଣେ ପରକୁ । ୩ ।

Digitized by srujan ka@gmail.com

ମୋ ମନେ ଧନ ଚୋ କଥା, ପଣ୍ଡ ଘୋଷ୍ଟି ଥସେ ଚିନ୍ତା । ବଇ ମାରବ କାହାକୁ ଅଖିଠାରକୁ । ୪ ।

(ହାଣ୍ଡିଜାଗସ୍ କେବା ଶୁଣି ବ୍ରାହ୍ମଣମାନେ ପ୍ରବେଶ)

ସାନନନା ନନାକୁ ଡ଼ାକେ ମନର ମାନସ ପରଗନ୍ଲ ରେ । ରଜା ଦେବେ ସାଇବାକୁ ଚୂଡ଼ା ଦହି କପାଳ ଅମୃର ଫେରସନ୍ନ ରେ । ପଦ । ନନା ଯେଉଁ ଚୂଡ଼ା ଛୁଆଁଡ଼ା, ଯାଉଁଳରେ ପୂସ୍ତଇ ଥୋଡ଼ା । ଚୂଡ଼ାଗ୍ରା ସକାଶେ ଅଣିମାରେ ଉଣ୍ଡି ଘରେ ପଣ୍ଡି ଚୂଡ଼ା ସଉଗନ୍ଲ ରେ । ବେଣି ବେଣି ବିଦାୟୀ ଦେବେ, ଶୂସି ହୋଇ ଥିବା ହେବେ । ବରେ ଯେବେ ହୁଣ୍ଟି କରିବାରେ ପାଟି ବୋ ଲବା ଭୋର ଏ ସରଗନ୍ଲ ରେ । କାହିଁ ପାଇଁ କରୁଛୁ ଡେ଼ର । ଅସ ଯିବା ଗୃହେ ବାହାର । ଯେବେ ଯିବ ଏ ସବୁ ଅସିବାରେ ଫେର ବଇଥ ସକଳ ସାଉସନ୍ନ ରେ ।

ମହାଜନ ପୁଅର ଗୀତ ।

(ରଜା ଭାଉଜା ହୋଇଲେ—ବୃତ୍ତେ ।)

ପଢ଼ିବ ନାହିଁ ମୁଁ ଖେଳବ ଖେଳ ଯାଉଣ ପଢ଼ୁଥ ରେ ।
କରିଲେ ଶୋଷ ପିଇବ ପାଣି ବାଣ୍ଡି ଗାଡ଼ୁଥ ରେ । ପଦ ।
ସାଙ୍ଗକୁ ଡ଼ାକ ମାରିବ ମଜା ମୁଁ ମୁଢ଼ି ନଢ଼ୁଥ ରେ ।
ମାରିଲେ ଲୋକ ପୋଡ଼ିବ ଘର ନାଅଁ ବଳଅରେ ।୧।
ପୋଡ଼ିଲେ ମୋ ଘର ରହିବ ଯାଇଁ କର ଲୁଢ଼ୁଥ ରେ ।
ବୋହିଲେ ଖାଡ ଖାଇବ ଯାଇଁ କର କାଢ଼ିଥ ରେ ।୨।
ମାରିଲେ ମାଡ଼ ଧରଣ ବାଡ଼ି ଦେବ ବାଡ଼ୁଥ ରେ ।
ଧଇଲେ କେହି ଲୁଚିବ ଯାଇଁ ଛମେଇ ଚାଉଥ ରେ ।୩।

Digitized by srujan ka@gmail.com

(ଗୁଡ଼ଥ ପ୍ରଭ)—ହେ ମିଠାଇ ଖାଇଲେ ତୋତେ କହଇ
ବଢ଼ିଥ ରେ ।
ବଇ ବୋଲେ ଅଟନ୍ତୁ ଧାଡ଼ି ଦେଖ ଧଡ଼ିଥ ରେ । ୪ ।
(ପ୍ରସ୍ଥାନ)

କୁଶଧ୍ୱଜ ମାଆଙ୍କୁ ଧରୁ ପ୍ରବେଶ ଗୀତ ।

(କହ୍ନ ଏତେବେଳେ କେଣେ ଯାଅ ଗୁଣମଣି—ବୃତ୍ତେ)

ନାହିଁ ନାହିଁ ନାହିଁ ମାତ ପାଦ ମୋର ଚଳୁ ନାହିଁ । ସ୍ମର ଶ୍ରେକ ଭଯ ଶୋଷ କ ଦେବ ଏ ପ୍ରାଣ ଥାଇଁ । ପଦ । କଣ୍ଠ ତଟ ଯାଏ ଶୁଖି, ପିଷ୍ଟଡ ନ ପାରେ ଅଖି । କ୍ଷୁଧାନଳେ ଜଳେ ପେଟ ଅଛୁ ନ ପାରିବ ସହି । ୧ । ଏ ତଳବ କହ ମାତ, ନ ଫେରଲେ ମୋର ତାତ । କେମନ୍ତେ ହେଲେ ନାସ୍ତି ନ୍ତ ମନେ ମୁଁ କ ନ ପଡ଼ଇ । ଜାତ କଲାବେଳେ ମାତ, ନ କଲ କପାଁଇ ହତ । କପାଁ ନ ବଳାଇ ସତ ହସ୍ତ ବଇଷ୍ଟବ କହି । ୩ ।

ମାତା—ନ କାନ୍ଦ ନ କାନ୍ଦ କୁଶ ହୃଥ ଅରେ ଦୁନ ।
ଏହୁକ୍ଷଣି ପିତା ଅସୁଥିବେ ଘଷା ଦେନ ।
ଭୃକ୍ଷେର ଦରଶ ଚନ୍ଦ୍ରେ ତୋଷିଣ ହୃଦରେ ।
ଦଣ୍ଡେ ସ୍ଥିର ହୋଇ ଖେଳ ନ କର ଖେଦରେ ।
ଯାଉଛୁ ମୁଁ କରିବାଇଁ ଗୃହକର୍ମ ମାନ ।
ହନ ଶେଷ ହେଲା ଏଣ୍ଟ ଖେଳୁଥା ରେ ଧନ । (ପ୍ରସ୍ଥାନ)

କୁଶଧ୍ୱଜର ସ୍ତବ ଗୀତ ।

(ଖେଳନ୍ତି ଯମୁନାକୂଳେ—ବୃତ୍ତେ ।)

ରଖ ଚପଦରେ ହେ କରୁଣାନିଧି । ପଦ । କ୍ଷୁଧା ଅନଳେ ଦଗ୍ଧ, ଜଳଇ ଅବରତ, ଜୀବ ଯିବ ବାନ୍ଧ ବାନ୍ଧ । ୧ । ହେଲା ଦୁଇ ଦିବସ

Digitized by srujan ka@gmail.com

ରହୁଛୁଁ ନୃପବାସ, କର୍ଚ୍ଛଣ କର୍ମ ଦେଲୁ ବଧି । ୨ । ପିତା ପଣ୍ଡା ଲାଳସେ ଭ୍ରମନ୍ତ୍ର ପ୍ରଭବାସେ । କେ ଅବା କଷ୍ଟଲ୍ଲ ବନ୍ଧ । ୩ । ଶୁଣିଛୁ ଦୁଃଖୀଜନେ, ସେବଲେ ତୋ ଚରଣେ, ଦୂର ହୁଏ ଦୁଃଖ ବ୍ୟାଧି । ୪ । ଦୀନବାନ୍ଧବ ବୋଲି, ନାମ ତୋ ଶୁଣିଥିଲି, ସେ ନାମକୁ ନୋହେ ସିଦ୍ଧି । ୫ । ତୋ ଚରଣ ଭେଲା, କରୁ ହେ ତଳା ଭୋଲା, ପାରୁ ହେବ ଜନ୍ମାନଦୀ । ୬ । ଜଠର କଷ୍ଟ ଛାଡୁ, କର ହେ ଷ୍ଟବଗ୍ରାହୁ, …ଉତ୍ତବ ପଦ ଛନ୍ଦ । ୭ ।

କୁଞ୍ଜର ସେଠାରେ ଶଯ୍ୟନ ।

(ଗୁଡ଼ୁଥ ଦୋକାନରେ ମହାଜନ ପୁତ୍ର ସହ ପ୍ରବେଶ)

ମହାଜନର ଗୀତ ।

(ରାଜା ଖୁରଯା ହୋଇଲେ ମଜା—ବୃନ୍ଦେ)

ଅଲଣି ଷାନ୍ଦ୍ର ଏ ଛୁଅଛା ହାଉ ସାଧିଲା ସଙ୍ଗେ ମୋର । ହେ ମଟେଇ ପାଇଲେ ସେହୁ ବାହୁଡ଼ି ଯିବ ଘର । ପଦ । ପଢ଼ିବା ପାଇଁ ପାଠ, ମୁଁ ଯେତେ କଲି ଅନେ । ଟୋକାଙ୍କ ସଙ୍ଗରେ ଟେକାଟା ଧରି ବୁଲଇ ନଗରର । ୧ । ପାଣେ ନ ରହୁ ହାଣ୍ଡେ, ବୁଲେ ଏ ହାଣ୍ଡେ ସେ ହାଣ୍ଡେ । ପଇସା କଉଡ଼ି ପଡଲେ ହାତେ ପୁରୁଏ ପର ଘର । ୨ । ଦୁଇ ପଇସାର ଦଅ, କାହୁଁବ କରୁଛୁ ଡସ୍ତ । ସୁଧର ସୂତ୍ର ଏହୁ ବାବଦ ମଜୁରି ହେବ ତୋର । ୩ । ନେଇଥିଲୁ ପାଞ୍ଚଟଙ୍କା; ଧାର କରଣ ଚଟକା । ବଇଥ କହେ ମଜୁରି ହେବ ନୋହୁଲେ ଛାଡ଼ାପର । ୪ ।

ଗୁଡ଼ୁଅ ମିଠେଇ ଦେଇ ପ୍ରସ୍ଥାନ ।

Digitized by srujan ka@gmail.com

ମହାଜନ ଲୁଣ୍ଠପାଶେ ପ୍ରବେଶ ।

ଭୂଦେବର ଗୀତ ।

(ଥମି ଯାଇ ହେ ଯମୁନା ପାରେ—ବୃନ୍ଦେ ।)

ଥସ ଥସ ଧନ ଢଏ ନେବ ହେ ଢଏ ନେବ ହେ । ଛାର ଲୁମରକୁ ମୋହୁତ ଦେବ ହେ । ପଦ । ହୋଇଥିବ ବହୁଗ୍ରନ୍ଥ, ପଢ଼ିଥିବ ନାନା ପାଠ । ହୁଦେ ଥିବ ବିଷ୍ଣୁଭକ୍ତି ଭବ ହେ । ୧ । ଅଠବରଷର ବାଳ, ଶାନ୍ତ ସୁଧୀର ସୁଶୀଳ । ସୁନ୍ଦର ମୂରତ୍ତି ହୋଇ-ଥିବ ହେ । ୨ । ଜାଣ ଯେବେ ଦଅ କହୁ, ଥିଲେ ଦଅ ଧନ ନେଇ, ରସେ ଭସେ ଦ୍ୱିଜ ବଇଷ୍ଟବ ହେ । ୩ ।

ଶୁଣ ହେ ମହାତ୍ମାଗଣେ, ଯଜ୍ଞାରମ୍ଭଜନ ଏକ କରୁଛନ୍ତି ଯାଗ, ପଂଚାକୁ ଲୁଣ୍ଠାଇବେ ସେ ଭୂଜଙ୍ଗ ଜନମ୍ଭ ଯାଗ ନାମ ଅଟେ ନରମେଧ । ଖୋଜୁଅଛୁ କଣିନେବ ବିପ୍ରସୁତ ଗୋଟି, ସେହୁ ଯାଗେ ଦେବେ ପୁଣ୍ୟାହୁତ ।

ବ୍ରାହ୍ମଣର ପ୍ରବେଶ—ଗୀତ ।

(ଧନ୍ୟ ଧନ୍ୟ ଧନ୍ୟରେ କଳକାଳ—ବୃନ୍ଦେ ।)

ଖାଲି ଝୁଲି ଘେନ ବୁଲିଲି ମୁଁ ଦ୍ୱାର ଗୋଟା । ଗୃହ ଗୃହ ନ ମିଳିଲା ଉକ ମୁଠା । ପଦ । କାଲିଠାରୁ ଶୂନ୍ୟପେଟେ, ପଡ଼ିଥିବେ ମୋର ଗୃହେ । ଭୋକେ ପାଟି ଶୁଖି ହେଉଥିବ ଅଠା । ୧ । ସକାଳୁ ଉଠିଣ ମୁହିଁ କାହାମୁଖ ଥିଲି ଗୃହିଁ । ଜାଣିଲିଣି ମୋହର କପାଳ ଫଟା । ୨ । ଉଣ୍ଠି ମୋ ଯାଉଛୁ ଶୁଖି, ଜଳ ଯାଉଥିଛୁ ଆଖି । ଜୀବନ ରଖିଛୁ ବହୁ ଦାରୁଣଟା । ୩ । ହେଲାଣି ତୁଇ ଦିବସ, ପାଞ୍ଚ ପ୍ରାଣୀ ଉପବାସ । ଦ୍ୱିଜ ବଇ ବୋଲେ ହୋଇ ହଟହଟା । ୪ ।

Digitized by srujan ka@gmail.com

(ଏହିକାଳେ ସନ୍ୟାସୀର ପ୍ରବେଶ ।)

ସନ୍ୟାସୀ—ହେ ଉତ୍ସୁକ, କେଉଁ ଦିଗେ କରୁଛ ଗମନ, କିବା ଅଛୁ ଚିନ୍ତାରେ ? କହ ଏହି ଅତିଥିକୁ ଏବେ, କ୍ଷୁଧାନଳେ ଜଳୁଛି ଉଦର; ପାଞ୍ଚଦିନ ହେଲା ଅନ୍ନ ଦେଖି ନାହିଁ ସ୍ୱପ୍ନେ। କ୍ଷୁଧା ଜ୍ୱାଳା ନ ପାରଇ ସହି ।

ବ୍ରାହ୍ମଣ—ହେ ଅତିଥି ! ତୁମ୍ଭଠାରୁ ଅତି ଦୀନ ଅଟେ ଏ ଅଧମ, ଭିକ୍ଷା ଅର୍ଥେ ବୁଲୁଥିଲି ଯାଇ ଗ୍ରାମେ ଗ୍ରାମେ, ନ ମିଳିଲା ଭିକ୍ଷା ଏକମୁଠ । ସବୁ ଆଶା ହେଲା ମୋ ବିଫଳ । ଚାହିଁଥିବେ ପୁତ୍ର ପତ୍ନୀ ମୋତେ ଆଶାକରି । ଗୃହିଣୀ କରିବେ ଆଶା କଲି ପରିହାର । କେଉଁପରି ବୁଝାଇବି ତାଙ୍କୁ !

ସନ୍ୟାସୀ—ହେ ଉତ୍ସୁକ ! ଜାଣିଲି ମୁଁ ତବ ମନକଥା । ଯାଅ ଏବେ ଘରକୁ ବାହୁଡ଼ି ।

(ମେଲାଣି କର ରେ ନନ୍ଦ ଆନନ୍ଦରେ—ବୃନ୍ଦେ ।)

ଗୀତ ।

ଯାଅ ଯାଅ ଯାଅ ଦ୍ୱିଜ ଦ୍ୱିଜ ଗୃହେ ଏବେ ଯାଅ । ପୂରିବ ମନ କାମନା ବୃଥାରେ କାତର ନୁହ । ପଦ । ଦେଖି ତୁମ୍ଭର ବିକଳ, ଦୟା କଲେ ଅଦମୂଳ । କାର୍ଯ୍ୟ ହୋଇବ ସଫଳ, ହୃଦରେ ବାଧା ନ ବହ । ୧ । ତୁମ୍ଭ ଗୃହ ନିକଟରେ, ଅଛି ଏକ ଦ୍ୱିଜବରେ । ବସି ତୋର ଉଦ୍ଦେଶ୍ୟରେ ଚାହିଁବେ ସନ୍ଦେହ ନୁହ । ୨ । ସେ କହିବା ଯେଉଁ କଥା, ତହିଁରେ ନ କର ଚିନ୍ତା । ବଇଷ୍ଣବ ବୋଲେ ଦୁଃଖ-ସାଗରରୁ ପାର ହୁଅ । ୩ ।

Digitized by srujan ka@gmail.com

ସନ୍ନ୍ୟାସୀ ସହ ବ୍ରାହ୍ମଣ ଓ ମହାଜନ ବ୍ରାହ୍ମଣର ଗୃହଠାରେ ପ୍ରବେଶ ଗୀତ ।

ଅମୃରେ କହାଇ ଅମୃ—ବୃନ୍ଦେ ।

ଅରେ ଜନାର୍ଦ୍ଦନ କର, ନାହିଁ କରେ ଘର ।
କାହିଁପାଇଁ ମୋତେ ଏତେ କରୁ ହରବର । ପଦ ।

କାଳ କହୁ ଯାଉଛୁ ତୋ ପାଖର, ଅଛି ମଥାହ ହେଲାଣି ଅଖର । ସେତେ ଦଉଡ଼ାଉ ମୋତେ ତୋ ବାପର କି ମୁଁ ଚାକର ।୧। ହେଉ ନାଲଶୀ ଦାଏର କରିବ । ତୋର ଗୁଣ୍ଠାଗୁଣ୍ଠି ସବୁ ସାରିବ । ଜାଣିଥା ଏହା ବ୍ରାହ୍ମଣ ତୋହା ତୋରସ ହେବ ବାହାର । ୨ । ଘରେ ପୂଜାଇଣ ପାଣ ହାଣ୍ଡି, ତୋର କବାଟ ନେବ କାଢ଼ି । ନିଯମ କର କହୁଛ ତୋତେ ନିଶ୍ଚୟ ଏ ମୋହର । ୩ । ତୋତେ ଡାକୁଛି ପହରେ ହେଲାଣି । ଜନା ମାଉପ ହେଲ୍ କି କାଲୁଣୀ । ବନ୍ଧୁ ବୋଲେ ଟଙ୍କା ନ ଦେଲେ ଖୋଲିବ ଦରଜାପର । ୪ ।

ବ୍ରାହ୍ମଣୀର ଗୀତ ।

(ହେ ତପୋଧନ କେଉଁଣେ କରିବୁ ଗମନ—ବୃନ୍ଦେ)

ହେ ମହାଜନ, ନ କହ କଟୁବଚନ । ପଦ । ଯେନ ଉଷାଙ୍କୁଳି, ଯାଉଛନ୍ତି ବୁଲି । ଅଖର ହେଲାଣି ଦିନ । ୧ । ବେଳ ବାଳେ ନେଇ, ଥଲେ ବସି ମୁହିଁ । ଏହା କରୁଛି ଗୋଦନ । ୨ । ହୋଇ ଚରଚର, ଆସୁଥିବେ ଘର । ବିକଳେ ମୋ ଜୀବଧନ । ୩ । ଦଣ୍ଡେ ଯାଅ ରହି, ବଇଷ୍ଟିବ କହି । ଉସ ଦାସୀ ନିବେଦନ । ୪ ।

ମହାଜନ—ବଲେ, କାଲିପରି କହି ଯାଉଥିଲ, ତୋତେ କହୁଥିବେଳେ କହିଲ ସେ ଅଛିଲେ ମୁଁ ତାଙ୍କୁ କହିବ । କଣ ଖୋଇଲ ବେଳକୁ ମନକୁ ପାଖୋର ଗଲା । କାଲି ମୁଁ ତୋ ଉପରେ ହିସାବ କରି ଦେଖିଲି ଯେ ହୋଇଛି ଅସଲ ଓ ସୁଧର ସୁଧ

Digitized by srujan ka@gmail.com

ଦର ଟ ୪୮୬୯/ ଅଣା ଅଛୁ ତୋ ପୁଅ ଲୁଣିଥ ଦପଇସାରେ ମିଠେଇ ଖାଇଛୁ ସେ ବାବତ୍ ମୁଁ ରୋଇ ହିସାବ ଦେଲ ଯେ ଟ ୪୮୬୯/୭ ପାଇ ଅଣ ପଦା, ମହାଜନର ଧନ କଥଣ ଗୁଡ଼ମୁଥ ହୋଇଥିଲା । ଅଣ ପଦା ନଇଲେ ବହିଲ ଖେଷେଇ ବସା ।

ବ୍ରାହ୍ମଣୀ—ଅହା ! ମହାଜନ ହେଲେ କ ଏତେ ନିଷ୍ଠୁର ହୁଅନ୍ତି ! ତୋ ପୁଅ ହାତରୁ ଟଲ ମିଠେଇ ନେଇ ଯାଉଥିଲା । ମୋ ପୁଅ ଲୁଣ ତାକୁ ପାଇଲା । ତାକୁ ପୁଣି ଦୁଇ ପଇସା ଉଡ଼ଛୁ ଧର୍ମଛଡ଼ାଙ୍କୁ ଧର୍ମ ସହୁଛି କେମନ୍ତେ ।

ମହାଜନ—କଲେ କନା ଭାରଯା କଥଣ ଭୂତ୍ୱ ହୋଇ ଯୋଧୁଛୁ । ଅଷ୍ଟ ମାଥର ଦଇଠା ସେଥିପାଇଁ କଛୁ ଚନ୍ତା ନାହିଁ । ମୋ ଟଙ୍କା ପଦା, ଅଣ ଟିକଏ ଭୂଳପଡ ।

ବ୍ରାହ୍ମଣର ପ୍ରବେଶ ଦେଖି ମହାଜନର ଗୀତ ।

ମୋ ଟଙ୍କା ପଦାରେ ଥରେ ବ୍ରାହ୍ମଣ ଟୋକା । ଖୋଜ୍ୱ ପାଇ ଅଛ ପାଇଛୁ ତୋ ଦେଖା । ପଦ । ବାପର ଗଣ୍ଡ ରୁ ରଖିଥିଲୁ କ ମୋ ଘରେ । ଖାଇଦେଇ ମୁହ ପୋଛୁ ଭୁଲିବୁ ପଦାରେ । ୧ । ଭୂଲିଗଲେ କାଲି ତୋର ନ ରହିବ ବାସ । ଯାଇଁ ଅଦାଲତେ ମୁହିଁ କରିବ ନାଲିଶ । ୨ । ଗୃହଣ ବଯ୍ୟାଣୀ ତେରଥଣା ତୋହପରେ । ମିଠେଇ ଖାଇଲା ପୁଅ ଦୁଇ ପଇସାରେ । ୩ । କଡ଼ାଗଣ୍ଡା ହିସାବ କରଣ ମୋର ଥୁଅ । ବଇ ବୋଲେ ପିଲ୍ଲିପିଲି ହେବ ସୂଣେ ଥାଅ । ୪ ।

Digitized by srujan ka@gmail.com

ବ୍ରାହ୍ମଣର ଗୀତ ।

(ଧୂଳରେ ଶୋଇଛୁ କହ୍ନା ବନମାଳୀ ରେ—ବୃତ୍ତେ)

ହେ ଧନକୁବେର ଯାହା ଇଚ୍ଛା କର ହେ । ମାର ଅବା ତାର ମୁଁ ଧରୁଛି କର ହେ । ପଦ । କାହୁଁ ମୁଁ ପାଇବି ଟଙ୍କା । ମାଗି ଯାଇଥିଲି ଭିକ୍ଷା । ଖାଲି ପଡ଼ିଅଛି ଝୁଲିମୁଣି ମୋର ହେ । ୧ । କାଲିଠାରୁ ଉପ-ବାସେ । ପଡ଼ିଛନ୍ତି ମୋର ଶିଷ୍ୟେ । ନ ହୁଅ ନିସ୍ୱଶଚତ୍ତ୍ୱ ଦୟାକର ହେ । କେବଳ ମୋହର ବାସ, ଗଣ୍ଡି ଅଛି ଅବଶେଷ । ତାହା ନେଇ ଋଣଜାଲୁଁ ମୁକ୍ତ କର ହେ । ନୋହିଲେ ଅମ୍ଭକୁ ଦଅ । ଅନ୍ନ ଜଳ ମୁକ୍ଷେ ଦିଅ । ବଇଷ୍ଣବ ବୋଲେ ଏ ଦୁର୍ଦ୍ଦଶା ହର ହେ । ୪ ।

ମହାଜନ—ବାହାରେ ବ୍ରାହ୍ମଣ ଟୋକା ! ଯାହା ଦେଇ ଭାତ ପାଇ ନାହୁଁ, ପୁଷ୍କରିଣୀ ତେ, ବନ୍ଧୁଁଶ ଯାକକୁ ନେଇ 'ପୋଷିବ । ଲମ୍ବର ମୋହର ଘରେ । ତୁ ମଲେ ଲେବେ, ଜୀଇଁଲେ ଲେବେ । ମୁଁ କଅଁଣ ତୋ ବାପ ଦାଦର ଅର ଜନ୍ମରେ ଧାରୁଥିଲି ? ଅଣ୍ ମୋ ଟଙ୍କା ପକା ।

(ଭୂଦେବର ପ୍ରବେଶ)

ଭୂଦେବ—ନମସ୍କାର ନନା । କୃଷ୍ଣଧ୍ୱଜ ନାମେ ପୁତ୍ର ଅଛଇ ତୁମ୍ଭର, ଶୁଣିଲି ମୁଁ ଗ୍ରାମ୍ୟଜନଙ୍କର ଠାରୁ. ନେଇ ଧନ ନନ୍ଦନକୁ ପାଇବ କି ଦେଇ, ସତ୍ୟ କଲେ କହିବ ସମସ୍ତ ।

(ଗୋକୁଳାନନ୍ଦଚନ୍ଦ୍ରଙ୍କୁ ସଙ୍ଗେ ଦେଖିବ—ବୃତ୍ତେ)

ଦଅ ଦଅ ଦ୍ୱିଜବର, କୃଷ୍ଣଧ୍ୱଜ ହୂତେ ତୁହ୍ମ । ବୁଲୁଥିଲି ଗ୍ରାମେ ଗ୍ରାମେ ଗ୍ରାମଜନେ ଦେଲେ କହି । ପଦ । ଯେବେ ଇଚ୍ଛା ନଅ ଧନ, ସ୍ୱେଚ୍ଛାରେ ଦଅ ନନ୍ଦନ, କଲେ ସତ୍ୟ ସବୁ କଥା ତୋତେ ମୁଁ ଦେବି ବୁଝାଇ ।୧। ସୁଶୀଳ ସୁଶାନ୍ତ ସୁତ, ପଢ଼ୁଛି ବିଦ୍ୟା

Digitized by srujan ka@gmail.com

ବହୁତ । ଦଇଭକ୍ତ ଦ୍ୱେବେ ରତ ଶୁଣିଛୁ ତା ଗୁଣ ମୁହିଁ । ୨ । ଦାରିଦ୍ର୍ୟ କଷ୍ଟୁ ମୁକତ, କରବ କନିଷ୍ଠ ସୁତ । ଅନିଷ୍ଟ ନ ହେବ ବିପ୍ର ବଇଷ୍ଣବ ଚିନ୍ତ୍ୟ ଧାଇ । ୩ ।

ବ୍ରାହ୍ମଣ—ହେ ଧନାଢ଼, ତବ ବାକ୍ୟ ଶିରୋଧାର୍ଯ୍ୟ କରି, କରୁଅଛୁ ତିନିବାର ସତ୍ୟ ।

(ଯେଉଁ ଦର୍ ୨ ପଦାନ୍ତକୁ ନ୍ତିର—ବୃତ୍ତେ ।)

ହେ ଜଗତ ଅକ୍ଷି ତୁମ୍ଭେ ଥାଅ ସାକ୍ଷୀ କରୁଛୁ ତିନିବାର ସତ୍ୟ । ବ୍ରହ୍ମା ଇନ୍ଦ୍ର ଚନ୍ଦ୍ର ଗ୍ରହ ନକ୍ଷତ୍ରାଦି ରୁଦ୍ର ବରୁଣ ମରୁତ । ସାକ୍ଷୀ ଥାଅ ହେ । ୧ । ଭୂଚର ଖେଚର ସର୍ବ ଜଳଚର ସ୍ୱର୍ଗମେଘେ ଥାଅ ଶୁଣି । ନେଇ ଧନମାନ ଦେବ ମୋ ନନ୍ଦନ ଭୂଦେବ ବ୍ରାହ୍ମଣେ ଅଣି, ସାକ୍ଷୀ ଥାଅ ହେ । ୨ । ଅହେ ଗିରି ବନ ବୃକ୍ଷ ଲତାମାନ ମୃଗ ଶୂକର କେଶରୀ । ହେ କକଟମୁଖ ମର୍କଟ ଉଲ୍ଲୁକ ଗଯ଼ୁଳ ଶାର୍ଦ୍ଦୁଳ କରୀ । ସାକ୍ଷୀ ଥାଅ ହେ । ମା ଗୋ ବୃନ୍ଦାବତୀ ଲକ୍ଷ୍ମୀ ଭଗବତୀ ସତ୍ୟକରି କହୁଅଛୁ । ବଇଷ୍ଣବ ସୁଖ ଦୁଃଖ ନାହିଁ ଭୟ ନାହିଁ କ୍ଲେଶ ଦେବ ମୋ କନିଷ୍ଠବତ୍ସ । ୪ ।

ଭୂଦେବ—ଶୁଣ ବିପ୍ର ସକଳ ଘଟଣା । ରଚନା ହେଲାଣି ଠାବେ ଠାବେ, ଲୁଚ ନାହିଁ କଥା ନାହିଁ କଛୁ । ନରମେଧ ଯାଗ ଏକ କରନ୍ତି ଯଜାଉ । ଭଞ୍ଜଇବେ ତାଙ୍କୁ ସେ ଅଜଗର ଚର୍ନ୍ତୁ । ଗୋରଧ୍ୱଜ ସୁତ ତୋର ଗଲେ ସେ ଯଜ୍ଞକୁ, ଶିର ଛେଦି ରାଜା ନିଜ କରେ । ଦେବେ ତାଙ୍କୁ ଅଗ୍ନିରେ ଅହୁତି । ଯଜ୍ଞରୂପୀ ନାରାୟଣ ହୋଇବେ ସନ୍ତୋଷ । ଏହା ସତ୍ୟ, ସତ୍ୟ, ମିଥ୍ୟା ନାହିଁ ଲେଶ ।

Digitized by srujan ka@gmail.com

କୃଷକ ପ୍ରବେଶ ।

(ସବେ ସେନଯିବୁ ମୋର ରେ—ବୃତ୍ତେ ।)

କହ କହ ଗର୍ବଧାରୀ ଟୋ ବାଷ୍ପା ନେତ୍ର ସଡ଼ାଉଛୁ ଲୁହ । ଘଷା ଅର୍ଥେ ଭାତ ଯାଉଥିଲେ ମାତ ପଥେ ଡ ହଲେ ହଲଦ । ପଦ । ସେ ଦେଖୁ ମଲ୍ଲିକ ହୋଇ ବହିଛନ୍ତି ଦବା ଦୁଃଖ ଅଛୁ ଦେହ । ଲୋକେ ମୋହଗ୍ରଣ ଖାଷ ସେ କାରଣ ମନରୁ ଯାଉ ସନ୍ଦେହ । ୧ । ଏତ ମହାଜନ ଏ କେବଳ ଜନ ଏ ଧନ କାହାର କହ । ନର୍ଦ୍ଧଣ୍ଣ ଖୁଣ୍ଟୀରେ ହୋଷ୍ଟି ଧନ ଅଣି ଦେଲେ ଦ୍ବବା ପେଟାମନ୍ଦ । ୨ । ସନ୍ତୁ କେତେ କ୍ଷୋଭ ପାଉଅଛୁ ଦୁଃଖ ଏବେ ଅନନ୍ଦରେ ଥାଅ । ହୋଇବ କାରଣ ଋଣଦାତା ଋଣ ବେଗେ ବୁଝି ସୁଝି ହଅ । ୩ । ବୁଝି ନ ପାରଇ ଏସ କାଣ୍ଡ ଏହୁ ଗୃହସ୍ଥେ ସକଳ ବୁଝାଅ । ବଇ ବୋଲେ ଗୀତ ତୁମ୍ଭେ ମୋର ମାତ ମୁଁ ପସ ତୁମ୍ଭର ପୁଅ । ୪ ।

ମାତାର ଉକ୍ତି—ଗୀତ ।

(ଥଦେ ପ୍ରାଣପତ କରେ ଏଇ ବିନତି—ବୃତ୍ତେ)

ଅରେ ବାପ କୁଣି ରସି ଦଅ ମୋ ଗଳେ ଥପୂନାହିଁ ତୁଣ୍ଡେ ସେ ଭାଷା । ଅଛଠାରୁ ବସ୍ତ ମୋର ବଢ଼ିଲା ଅଷା ଭରସା । ପଦ । ଖସାଇଲା ନେତ୍ର ପାଣି, ବସାଇଲା ପଥେ ଥଣି । ହଂସାରୂଢ଼ ଦାରୁଣ । ଭସାଇଲା ଦୁଃଖ ସ୍ରୋତେ ଏ ଦଣ୍ଡ ଦେଲା ସହସା । ୧ । ଚଷାଇଲା ମଣ୍ଡି ନଷେ । ହିଁବେ ରେ ଦେବଲୋକେ । ଥୋକେ ଭ୍ରଷେବେ ମନ୍ଦ । ଉଡ଼ିଯିବ ପ୍ରାଣ ଶୁକ ତେଜି ଏହୁଷଣେ ବସା । ୨ । ଅନ୍ଧର ଲଉଡ଼ି ସେହୁ, କଲେ କେଉଁ ଦୋଷେ ହର । ଲୋଡ଼ ପାଇବ ନାହିଁ । ପୁତ୍ର ଭାବେ ବଇ ବୋଲେ ଥସେଲ ଦୃଃଖ-ନାଶା । ୩ ।

Digitized by srujan ka@gmail.com

ନୃପ—ଶୁଣ ଜନ୍ମଦାତା, ବନ୍ଧାଇ ନ କହ କଥା, ଶ୍ରାବଣ ବରଷା ପରି ଲୁହ ବହୁ ନେତ୍ରୁ, ରସାପୃଷ୍ଠ ହେଲାଣି କାଦୁଅ । କହ ତାହା ନିଃସନ୍ଦେହେ ତାତ ।

(ଜୟ ଜନାର୍ଦ୍ଦନ ଜଗତ—ବୃତ୍ତେ)

ଏ ନୟନେ ପିତା ନ କହୁଛ କଥା ବସିଅଛ ମନ୍ତ୍ରୀ ଗୃହେଁ । ବେଦ ନେତ୍ରୁ ନୀର ସ୍ରୋତ ଧାର ଧାର ଅବନୀରେ ପଡ଼େ ବହି । ପଦ । ତବ ଦଶା- ଶୂନ୍ୟ ପଡ଼ିଅଛୁ ଆଜି ଦଶା ନମିଳନ୍ତି କାହିଁ । ଅମୃତ ପୋଷଣେ ବେଳେ କ୍ଲେଶ ସହି ବୃଦ୍ଧ ଥାଅ ସାହି ସାନ୍ତ୍ୱ । ୧ । ଯେବେ କହୁଥିଲ କରୁ କରୁ କୋଳ ଅଙ୍କ ଉପରେ ବସାଇ । ତୁମ୍ଭେ ମୋର ଅଙ୍କ ଅଭିଶପ୍ତ ଅଟ ଅବ ଧନେ କାର୍ଯ୍ୟ ନାହିଁ । ୨ । ନାମାମୃତ ପାନ କରଇ ଯେ ଜନ ତାର କ୍ଷୁଧା ତୃଷ୍ଣା କାହିଁ । ପାପୀ ବଇଷ୍ଣବ ଶରଣ ସେ ପଦେ କାରଣ ଲଭିବା ପାଇଁ । ୩ ।

ବ୍ରାହ୍ମଣର ଗୀତ ।

(ଭାଗବତ ରାଗରେ ।)

କିସ କହିବ ତୋତେ ଗୁଣୀ । ମୁଁ ମୂଢ ଅଟେ ବ୍ରହ୍ମଦ୍ରୋହୀ । ୧ ।
ଶୋଷିଛୁ ପ୍ରଚଣ୍ଡ ଅନଳ । ଗ୍ରାସ କରିଛୁ ହଳାହଳ । ୨ ।
ଢାଳିଲୁ ବିଷରେ ଅମୃତ । ଦେଲୁ ଅଗ୍ନିକୁଣ୍ଡରେ ଘୃତ । ୩ ।
ଶୀତସ୍ତ୍ରେ ଛେଦିଲୁ ରସନା । ଚରଣେ କରି ଲୁବାସନା । ୪ ।
ମହାଜନର କଣ୍ଠବାଣୀ । ମୋ ହୃଦ-ଦ୍ରୁମ ଦେଲା ହାଣି । ୫ ।
ଭଣ ସୁମିଳି ଯବ ତୋତେ । ଘିରୁ ଏ ବ୍ରାହ୍ମଣ ସଙ୍ଗତେ । ୬ ।
(ତୋତେ) ଯଜ୍ଞରେ ପୂର୍ଣ୍ଣାହୁତି ଦେବ । କହଇ ଦୀନ ବଇଷ୍ଣବ । ୭ ।

Digitized by srujan ka@gmail.com

ମହାଜନ ଟଙ୍କା ଦେନ ପ୍ରସ୍ତାବ ।

ଭୂଧର ଦୈବକୁ ନନ୍ଦ ଗୀତ ।

(ଜୟ କାଳୀ କଙ୍କାଳୀ ମାଗୋ ପଡ଼େ ଗଙ୍ଗା ତରଙ୍ଗ—ବୃତ୍ତେ ।)

ଅହା ମନ୍ଦ ଦଇବରେ ଛନ୍ଦ କରିଲୁ କାହିଁକି । ଇନ୍ଦ୍ର ସମ୍ପଦ ତ ତୋର ଭଣ୍ଡରେ ନେବୁ ବହୁତ । ପଦ । ବନ୍ଧନେ ପଡ଼ିଲ ତୋତେ ଛାଡ଼ନ୍ତି କେତେ ଥରତେ । ମନ୍ଦବୁଦ୍ଧି ମହାଜନ ହୃଦରେ ଦୟା ନାହିଁକି । ୧ । ଋଣ କରିଥିଲେ ବୃଦ୍ଧି । ଦେଇଥାନ୍ତୁ ତାର ସୁଦ୍ଧି । କେଉଁ ଜନ୍ମ ବାଦ ଦଣ୍ଡ ଠାରେ ଦେଲୁ ଦ୍ରୋହକି । ୨ । ଯଜ୍ଞାନଳେ ଦେଲେ ଝାସ । ରହିବ ମହୀରେ ଯଶ । ବିପ୍ର ବଇଷ୍ଣବ ଭାଷ ଏଥିଁ କରିବ କାହିଁକି । ୩ ।

ପୁଣି ଭୂଷଣ ମାତା ପିତାଙ୍କ ପ୍ରତି ଗୀତ ।

(କେ ରକ୍ଷା କରିବ ଅଛ ଗୃଣ୍ୟାଳୀ ମୋ କରୁ—ବୃତ୍ତେ ।)

ତାତ ମାତ ବଦାବର ମୁଁ ପଛ ଭୁମ୍ଭ କଙ୍କର । ହରଷେ ହଅ ମେଲାଣି ଉଚ୍ଚାର ଶିବ ଶଙ୍କର । ପଦ । ଚରଦନ ପାଇଁ କେହୁ ଲେଖି ଦେଇ ଅଛିନାହୁଁ । ଜନ୍ମ ଦେଲେ ମର୍ତ୍ତ୍ୟ ପ୍ରାଣୀ ମୃତ୍ୟୁ ଲଭଇ ନିକର । ୧ । ମୋର ମୃତ୍ୟୁ ମୋତେ ଜଣା । ପିଇଛୁ ମୁଁ ନାମପଣା । ଗ୍ରାସ କରିବ ପାବକ ଦୟା ଥିଲେ ପ୍ରଭୁଙ୍କର । ୨ । ମାତା ପିତା ସୌଭାଗ୍ୟବଳେ । ସୁତ ଖ୍ୟାତ ଧରାତଳେ । ଗଲ ତାଳ ଭୂଦେବ ବଇଷ୍ଣବ ଯୋଡ଼େ କର । ୩ ।

ହରଧ୍ୱଜ ସାରଧ୍ୱଜଙ୍କର ଗୀତ ।

(ଭଣ ଭଣ ପଥେ ଦେଖୁ ବଙ୍କା ବଂଶୀପାଣିକି—ବୃତ୍ତେ ।)

କେଉଁଣେ ଯାଉ ଭୂଦେବ ତୋର ଶିବ ଦେବୁ ଭାଣ୍ଡରେ । ଭୂଷଣ ଲୁଚାଇ ଅମ୍ଭର ସକୁ ନେଉ କାଢ଼ିରେ । ପଦ । କା ସଙ୍ଗେ ଖେଳିବୁ

Digitized by srujan ka@gmail.com

ଧୂଳ । ଘରମାନ ଦାଣ୍ଡେ ଚୋଳ ଅଛୁ ଚେ କୁଣିଥ ଯଣେ ଅସୂସ୍ଥିବଳ୍ପେତ ରେ । ୧ । ପଢ଼ି ଯାଉଥିଲେ ପାଠ । କାହାକୁ ଗୃହଁରୁ ବାଟ । କାହା ସର୍ବାଙ୍ଗରୁ ଗଡ଼ଧୂଳ ଦେବୁଁ ଝାଡ଼ି ରେ । ୨ । ଚୋଳ ଚୋଳବାର ପାଇଁ ଗଛେ ଅମ୍ଭେ ଚଢ଼ୁଁ ଯାଇଁ । ଦଶ ନନା ବୋଲ ଚଲେ ଛଡ଼ିବ ଚେ ରଡ଼ି ରେ । ୩ । ତା ସଙ୍ଗେ ଭୂଞ୍ଜିବ ଯାଇ । ଫେରିଦିଅ ଅମ୍ଭ ଭାଇ । ବଇ ବୋଲେ ଚଳଥିଲେ ଦେଇଯାଅ ଛଡ଼ିରେ । ୪ ।

ଭୂଷଣର ଭାଇମାନଙ୍କ ପ୍ରତି ପ୍ରବୋଧ ଗୀତ ।

(ଏତେଡ଼ ଦଣ୍ଡଦଣ୍ଡା ମୋତେ କସ୍ୱଉଛ—ବୃତ୍ତେ ।)

ଫେରଯା ଫେରଯା ଭାଇ ଭୂଦେବଙ୍କୁ ଦେବ ଦଣ୍ଡ କାହିଁତ । କତ୍ତ୍ୱ ନେଇ ତାତ ମୋତେ କହୁଛନ୍ତି ସେ କଥା କ ତୁମ୍ଭ ମନେ ନାହିଁକି । ପଦ । ନାହିଁ ଦୋଷ ତାଠାରେ କହୁ । ଘରୁ ସେ କ ଭାଉ ଅଣିଛୁ । ଦେଇ ଧନ ଗଣି, ଅଣିଅଛୁ କଣି, ମିଛେ ମିଛେ ପଛେ ଅଛ ଧାଇଁକି । ୧ । ବେକ ଭାଇ ଯାଅ ଘୁଞ୍ଚରେ । ରହ ଯାଇଁ ପିତା ପାଖରେ । ଯେ ଯେଉଁ କରମ କରିବାକୁ ଜନ୍ମ ଅଛିଅଛୁ ତେଣୁ ଏହୁ ମଣ୍ଡିକି । ୨ । ବସାଇଛୁ ଦଣ୍ଡିଅ ଦାଣ୍ଡ । ତହିଁ ଅସି ନୃଥନ୍ତି ମେଣ୍ଟ । ଯେ କର୍ମ ସତୃଦା ସେ ଦୋଉକ ବଦା ଦେଖ ଦୂନଥର ସ୍ୱାଦ ଏହୁକି । ୩ । ପଥଶ୍ରାନ୍ତେ ପଥିକଙ୍କୁଳ । ବୃକ୍ଷମୂଳେ ଦୋଉଣ ମେଳ । ବଇଷ୍ଟବ କହୁ ସେ ଘଲେ ତଳାଇ ସେ ବୃକ୍ଷ କ ପଛେ ପଛେ ଯାଇକି । ୪ ।

ଭୂଷମାତା ପଛେ ପଛେ ଭୂଦେବର ପ୍ରତି ଗୀତ ।

(ସଙ୍ଗିମାରେ ସଙ୍ଗେ ଜଣେ ଅଷ ମୋର—ବୃତ୍ତେ ।)

ଭୂଦେବ ହେ, ଫେରାଇ ଦଅ ପୁତ୍ରେ ମୋର । କାଟିଲେ କାଟିବ ପଛେ ସ୍ୱଜା ମୋର ଶିର । ପଦ । ଅରଣ୍ୟର ଜଳପାନ । କର

Digitized by srujan ka@gmail.com

ଧରିବ ଜୀବନ । ସ୍ୱଜାତି ନ ଦେବ ପ୍ରଜା ଶୋଚିତ ସାନ୍ତ୍ୱନ ।୧
ନ କରିବ ବାସ ଏଥି, କୁଶ ମୋ ନେଇ ସମ୍ପତ୍ତି, ତାଙ୍କୁ ଦେଲ ଘଷ
ଅଙ୍ଗେ ଶୋଷିବ ରୁଧିର ।୨। ବାସ ମୋର ତରୁତଳ, ଅସନ
ମୋ ଦୂର୍ବାଦଳ, ବସନ ବୃକ୍ଷ ବକଳ ବାସନ ପତର ।୩। ଦଶମାସ
ବକ୍ଷେ ସହି, ଧରିଥିଲ ଗର୍ଭେ ମୁହିଁ, ବଇଷ୍ଣବ ବୋଲେ ପଦେ ନ ଦେଲୁ
ଉତ୍ତର ।୪।

ଭୂଦେବ—ତାହିଁ କି ତୁମ୍ଭେମାନେ ଏତେ ବାଟ ଗୋଡ଼ାଉଛ ସତ୍ୟ-ବଚନର ପାପ କି ମନେ ନାହିଁ ? ଯାଅ ଫେରିଯାଅ । ମୋତେ ସମସ୍ତ କଲଙ୍କ ଦେଉଛ । ତେଣେ ରାଜା ଜାଣିଲେ କୋପ କରିବେ । ମୁଁ ଯାଉଛି ।

❖❖❖❖

ବ୍ରାହ୍ମଣ ଓ ବ୍ରାହ୍ମଣୀ—ହାୟ, ଅମ୍ଭର ଆଖି ଫୁଟିଗଲା । ହା କୃଷ୍ଣରେ, ଅମ୍ଭ ମୁହଁରେ ବିଷ ନ ଦେଇ ଯା ଗଲୁ । ବିଧାତା ! ତୁ ଯାହାଙ୍କୁ ଦୁଃଖ ଦେଉ ଏହାବେଳେ ତାର ଉପରେ କ୍ରୋଧ ପ୍ରକାଶ କରି ସର୍ବନାଶ କରୁ ।

(ବ୍ରାହ୍ମଣ ଓ ବ୍ରାହ୍ମଣୀ ପ୍ରସ୍ଥାନ

ଗ୍ରାମ୍ୟ ସ୍ତ୍ରୀମାନଙ୍କ ଗୀତ ।

(ତୁମି କାଦେର କୁଲେର ବୋଉ—ବୃତ୍ତେ)

ଗୃହିଁ। ସୃହିଁ। ଗୋ ସଙ୍ଗାତ । କାହିଁ ଭୂଦେବ ଜନ। ପାଇଲା
ଏ ଦୂତ। ପଦ। ବାଳ ଅରୁଣ ପରି। ମୁଖ ଦିଶୁଛି ତେଜ ରି । ଦୁଃଖ
ଧୈର୍ଯ୍ୟ ଗୃହିଁ ବସିଥିଲେ ଅନ୍ତରତ ।୧। ଅହା ହେମନ୍ତ ଠାଣି । ନେଉଛି
ମନ କଣି। ଉପମା ଦେବାକୁ ସ୍ଥାନ ନାହିଁ କିଛି ଗତ ।୨। ଅହା ସ୍ୱା
ବାପ ମା । ତେଜି ରହିଲେ ଯାହା । ବଇଷ୍ଣବ ବୋଲେ କେଉଁ କଳଙ୍କ
ତା ସତ ।୩।

(ଗ୍ରାମ୍ୟସ୍ତ୍ରୀଙ୍କର ପ୍ରସ୍ଥାନ ।)

Digitized by srujan ka@gmail.com

ଭୂଦେବର ଭୁଷ ସହ ସଭା ପାଶେ ପ୍ରବେଶ ।

(ମନା କଲେ ଯେତେ ଭ୍ରମବଦ ଚନ୍ଦ୍ରେ—ବୃତ୍ତେ ।)

ହେ ନୃପଶେଖର ଦେଖ ତୋ ପାଶର ଅଣିଅଛୁ ଏହୁ ସୁତକୁ । ଯାର ଜାତମାତ୍ରେ ବ୍ରାହ୍ମଣ ଦେବେ ଦେଲ ତୋହ ଦେବା ବଚନକୁ । ପଦ । କର ଯଜ୍ଞସଙ୍ଗ ଏବେ ବେଗ ବେଗ ହକାରଣ ଋଷିଯୂଥଙ୍କୁ । ମଣ୍ଡନ ହୋଇଣ ବସିଛ କମ୍ପାଉଁ ଖଡ୍ଗ ନାଥ ତୋ ହାତକୁ । ୧ । କମ୍ପା ଥର ଥର ଥରେ ଅଙ୍ଗ ତୋର ଅପୂବର ରାଜା ଚରିତକୁ । ଜ ଦେଖୁ କାତର ହୁଅ ନରବର ଏହା ଜ ଅଟେ ହତ-ଭଲୁ । ୨ । ଅଜଗର ଜନ୍ମ ହୁଙ୍କାର କର ଯା ତୋହର ନନ୍ଦନ ଜାତକୁ । ବଇସ୍ତବ ବୋଲେ ଉଷ୍ଣ କର ମୀଲ ଜପଇ ମୁଁ ବସ୍ତୁ-ମନ୍ତ୍ରକୁ । ୩ ।

ରାଜାର ଖେଦ ଗୀତ ।

(ଚେଡ ଚେଜ ଚନ୍ଦ୍ରା ଚଣ୍ଡୁ ଭୋଜବଣ—ବୃତ୍ତେ ।)

ଜ ଦେଲା କ ଦେଲ ରେ ଜ ଦେଲ ଜ ଦେଲା । ଦ୍ୱିଜସୁତ ହତ ବହୁ ଲଜ୍ଜଟେ ମୋର ଲହୁଲା । ପଦ । ଏ ଲବଣୀପ ଭୁଜା ନବନଲୀବ ସମାନ ରେ । ମନ ମାନସ ପ୍ରସ୍ଥ ଏହା କଏ କଲ ରେ । ୧ । ଜାତ କଷ ତାତ ମାତ ବତ୍ର ଲୋବେ ଦେଲେ ରେ । ସବ ବଳ ଚତ୍ର ତାର କେସନେ ଠେଲଲା ରେ । ୨ । ଏହାକୁ ବଧି ଜ ହିଛି ସାଧୁବ ସଂସାରରେ । ବଧି ବାଘ ହୋଇ ଏହା କର୍ମେ ଘଟାଇଲା ରେ । ୩ । ଫେଉଯାଉ ଦ୍ୱିଜସୁତ ଯଜ୍ଞ କୋନ୍ତୁ ଚୂର୍ଣ୍ଣ ରେ । ନ ଦେଉ ପିତା ହୁଙ୍କାର କବ ତା ଭାବଲା ରେ । ୪ ।

(ରାଜା ଏହା ଭାବ ଭୁଣକୁ ଧରନ୍ତେ ଭୁଣର ସ୍ତବ ।)

Digitized by srujan ka@gmail.com

(ଗୀତ କୀର୍ତ୍ତନ ସୁର ।)

ଜୟ ଜଗତପତି ଅଗତିର ଗତି ମୁକ୍ତି ଦାତା ଦଇତ୍ୟାରି ।
ତାର ଅବା ମାର ହେ ମାର ଜନକ ବାରେ ଶୁଣ ମୋ ଗୁହାରି ।
ଦେଖା ଦିଅ ଆସି ।
ହେ ପଙ୍କଜଡ଼ୋଳା ଗଳା ଭାସି । ୧ ।

ଅନ୍ତର୍ଯ୍ୟାମୀ ନାମ ବହିଅଛ ଯେଣୁ ଜାଣ ଅନ୍ତର ବେଦନା ।
କି ମନ୍ତ୍ରର ବଳେ ଭୁଲାଇ ହେ ହେଲେ ଗୋକୁଳ କୁଳ ଅଙ୍ଗନା ।
ରଙ୍ଗାଧର ମୋତେ ।
ପକାଇ ନ ଦିଅ ଶୋକ-ସ୍ରୋତେ । ୨ ।

ଦୁଃଖିଜନ ବୋଲି ହେ ଦୁଃଖନାଶନ ଘୃଣା ତ କରୁଛ ମୋତେ ।
ମୃଣାଳ ସୂତ୍ରରେ ମତ୍ତଗଜ ଯିକେ ବାନ୍ଧିବ ମୁହିଁ କେମନ୍ତେ ।
ଧନ୍ଦ ହେଉଅଛି ।
ନନ୍ଦଘୋଷେ ମନ ବାନ୍ଧିଅଛି । ୩ ।

ବ୍ରାହ୍ମଣ ଚଣ୍ଡାଳ ବୋଲି ରାଧାନାଥ ତୋର ଭେଦାଭେଦ ନାହିଁ ।
ସମଦର୍ଶୀଗୁଣ ଦେଖିଣ ସରବେ ତୋ ନାମରେ ହେଲେ ମୋହି ।
ମୋତେ ତୋର ପାଶେ ।
ରଖ ସଦା ବଳିଷ୍ଠ ଗ୍ରାସେ । ୪ ।

ଅଗ୍ନିକୁଣ୍ଡୁ ନାରାୟଣ ମୂର୍ତ୍ତିଙ୍କ ଉତ୍ଥାନ ।

(କେଉଁ ସଦନକୁ ମୋତେ ମାଡ଼ୁଅଛି ଡ଼ର—ତୃତୀ ।)

କୃଷଧ୍ୱଜ ରେ ମୋର କୋଳେ ଆସ ଆସ । ମୋହର କିମନ୍ତେ
ଯେବେ ପାଇଲୁଣି କ୍ଳେଶ । ପଦ । ତୋ ସମ ଭକତ କେହି ।
ଜାଣ ଏ ସଂସାରେ ନାହିଁ । ଦେଖାଇଲୁ ଭବେ ବଳୀ ଅସୀମ

Digitized by srujan ka@gmail.com

ସାହସ । ୧ । ଯାଅ ଯାଅ ବେଗେ ଯାଅ । ଏସ୍ଥାନେ କ୍ଷଣେ ନ ରହ । ଅଶ୍ରମେ ପାଇବୁ ଗତି ମୁକତି ଅଶେଷ । ୨ । ଥକ୍କୁ ସେ ଦରଦ୍ କଷ୍ଟ । ଦେବ ତୋ ଭାଗର ନଷ୍ଟ । ଇଷ୍ଟମନ୍ତ୍ର କର ଜାତ ମୋହ ଯଶ ଘୋଷ । ୩ । ହେ ଯଜାଧ ନୃପମଣି । ସର୍ବ ଦୁର୍ଗ ବୃନ୍ଦ ଯେନ । କର ରାଜା ହରଧ୍ୱଜ । ତଦାସ୍ୱ ଦେହକୁ ବସ୍ତ୍ର ବଘଷ୍ଟବ ଭ୍ରଷ । ୪ ।

(ହରଧ୍ୱଜ କର କର ସମସ୍ତଙ୍କର ପ୍ରସ୍ଥାନ ।)

ସମାପ୍ତ

କଟକ ଦତ୍ତପ୍ରେସରେ ଶ୍ରୀ ହରମୋହନ ଦତ୍ତଙ୍କ ଦ୍ୱାରା
ମେସିନ୍ ଯନ୍ତ୍ରେ ମୁଦ୍ରିତ । ୧୯୨୯ ।

Digitized by srujan ka@gmail.com

ବିଜ୍ଞାପନ ।

କବି ଶ୍ରୀ ବୈଷ୍ଣବ ପାଣିଙ୍କ ବିରଚିତ

ନୂତନ ।　　ନୂତନ　　ନୂତନ

ବିଲଙ୍କା—ରାମାୟଣ ସୁଆଙ୍ଗ

ପ୍ରକାଶିତ ହୋଇଅଛି

ଏଥିରେ ନୂତନ ପୁରାତନ ରାଗରାଗିଣୀରେ ରାମ ଓ ସୀତାଙ୍କ ଅଭିଷେକଠାରୁ ସହସ୍ରାରାବଣ ଓ ମନ୍ତ୍ରୀ ସୈନ୍ୟଗଣସହ ମୂଳ ଓ ବିଲଙ୍କା ଦେଶରେ ଲଙ୍କା ମହି ବୁଲାଇବା ପର୍ଯ୍ୟନ୍ତ ମଧୁର ରାଗରେ ଗୀତ ଓ ପ… ସବୁ ବର୍ଣ୍ଣିତ ହୋଇଅଛି । ନ ଦେଖିଲେ ଜାଣି ପାରିବେ ନାହିଁ । ପୁସ୍ତକ ଖଣ୍ଡି ପଢ଼ିବାକୁ ଆରମ୍ଭ କଲେ ଶେଷ ନ କରିବା ପର୍ଯ୍ୟନ୍ତ ଛାଡ଼ି ପାରିବେ ନାହିଁ । ବିଶେଷ ଲେଖିବା ବାହୁଲ୍ୟ ମାତ୍ର, ଅତି ସୁଲଭ ମୂଲ୍ୟ ପ୍ରତିଖଣ୍ଡକୁ ଟ ° ୵ ମାତ୍ର ଓ ଦକ୍ଷଯଜ୍ଞ ସୁଆଙ୍ଗର ଦ୍ୱିତୀୟ ଭାଗ, ହରପାର୍ବତୀ ବିଭା ଗୀତାଭିନୟ ପ୍ରକାଶିତ ହୋଇଅଛି । ପ୍ରତିଖଣ୍ଡକୁ ଟ ° ୵ ମାତ୍ର ।

ଅନ୍ନପୂର୍ଣ୍ଣା ପୁସ୍ତକାଳୟ
ପାଲଟପଡ଼ା, କଟକ,
ପୋ: ଅ: ଚାନ୍ଦନୀଚୌକ ।

ଅଡ଼ର ସପ୍ଲାୟାର
ଶ୍ରୀ ରାମଚନ୍ଦ୍ର ଦାସ ।

Digitized by srujan ka@gmail.com